भाकृअनुप - केंद्रीय चावल अनुसंधान संस्थान
ଭା.କୃ.ଅନୁ.ପ.-କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬
(An ISO 9001: 2015 Certified Institute)

# କୃଷି ସୂଚନା ସେବା (ଧାନ)

## ୨୦୨୬ ମସିହା ଜୁନ୍ ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା

### ଉଚ୍ଚା ଜମିରେ ଶୁଖିଲା ବୁଣାଧାନ

- ଉଚ୍ଚା ଜମିରେ ବୁଣାଧାନ ପାଇଁ ସି.ଆର.ଧାନ ୧୦୦ (ସତ୍ୟଭାମା), ସି.ଆର.ଧାନ ୧୦୧ (ଅଙ୍କିତ୍), ସି.ଆର.ଧାନ ୧୦୨, ସହ୍‌ଭାଗୀ ଧାନ, ଫାଲଗୁନି, ବନ୍ଦନା, ଖଣ୍ଡଗିରି ଇତ୍ୟାଦି କିସମ ବ୍ୟବହାର କରନ୍ତୁ ।
- ବୁଣାଧାନ ପାଇଁ ଶେଷ ଓଡ ଚଷ ସମୟରେ ପ୍ରତି ଏକର ପିଛା ୮ କ୍ୟୁଣ୍ଟାଲ ସଢ଼ା ଗୋବର ଖତ ପ୍ରୟୋଗ କରନ୍ତୁ ।
- ଉଚ୍ଚା ଜମିରେ ଶେଷ ଓଡ ଚଷ ସମୟରେ ଫର୍ଟିଲାଇଜର-ସିଡ୍ ଡ୍ରିଲ୍ (ସାର ସହ ମଞ୍ଜି ବୁଣାଯନ୍ତ୍ର) ମାଧ୍ୟମରେ କିମ୍ବା ଦେଶୀ ଲଙ୍ଗଳ ସିଆର ପଛରେ ଏକର ପିଛା ଅନୁମୋଦିତ ପୂର୍ଣ୍ଣମାତ୍ରାର ଫସଫରସ୍ ଏବଂ ପଟାସ୍ ୧୨ କି.ଗ୍ରା. ହିସାବରେ (ଏକର ପିଛା ୭୫ କି.ଗ୍ରା. ଏସ୍.ଏସ୍.ପି. କିମ୍ବା ୨୭ କି.ଗ୍ରା. ଡି.ଏ.ପି. + ୨୦ କି.ଗ୍ରା. ଏମ୍.ଓ.ପି) ପ୍ରୟୋଗ କରନ୍ତୁ ।
- ପ୍ରତି ୧ କି.ଗ୍ରା. ବିହନରେ ୧୦ ଗ୍ରାମ୍ ଟ୍ରାଇକୋଡର୍ମା ଗୁଣ୍ଡ ମିଶାଇ ବିଶୋଧନ କରି ଧାନ ବୁଣନ୍ତୁ କିମ୍ବା ରାଜ୍ୟ ସରକାରଙ୍କର ଯେକୌଣସି ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନ ଦ୍ୱାରା ପ୍ରଦତ୍ତ ବିଶୋଧକ ବ୍ୟବହାର କରିପାରିବେ ।
- ଉଚ୍ଚା ଜମିରେ ଧାନ ବିହନ ବୁଣା ଶେଷ କରିଦିଅନ୍ତୁ । ସିଡ୍ ଡ୍ରିଲ୍ କିମ୍ବା ଦେଶୀ ଲଙ୍ଗଳ ସିଆର ପଛରେ ୧୫ x ୧୫ ସେ.ମି. କିମ୍ବା ୨୦ x ୧୦ ସେ.ମି. ବ୍ୟବଧାନରେ ଏବଂ ୪ ରୁ ୬ ସେ.ମି. ଗଭୀରରେ ସିଧା ଧାଡିରେ ଧାନ ବିହନ ବୁଣନ୍ତୁ । ଛଟା ବୁଣା ଧାନ ପାଇଁ ଏକର ପ୍ରତି ୨୪ ରୁ ୩୦ କି.ଗ୍ରା. ଏବଂ ସିଡ୍ ଡ୍ରିଲ୍ ଦ୍ୱାରା ବୁଣା ଧାନ ପାଇଁ ଏକର ପ୍ରତି ୧୨ ରୁ ୧୬ କି.ଗ୍ରା. ଉତ୍କୃଷ୍ଟ ବିହନ ବ୍ୟବହାର କରନ୍ତୁ ।
- ଢ଼ିପ ଜମିରେ ଘାସ ନିୟନ୍ତ୍ରଣ ପାଇଁ ଧାନ ବୁଣିବାର ୮-୧୦ ଦିନରେ କିମ୍ବା ଘାସ ୨-୩ ପତ୍ର ହୋଇଥିବା ଅବସ୍ଥାରେ ଏକର ପ୍ରତି ବିସ୍‌ପାଇରିବାକ୍ ସୋଡିୟମ୍ ୧୦% ଏସ୍.ସି. ୧୨୦ ମି.ଲି. ଘାସମରା ଔଷଧ ୧୬ ଲିଟର କ୍ଷମତା ବିଶିଷ୍ଟ ୮ଟି ସ୍ପ୍ରେୟର ଟ୍ୟାଙ୍କ ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

### ଖାଲୁଆ ଜମିରେ ଶୁଖିଲା ବୁଣାଧାନ

- ମଧ୍ୟମ ଖାଲୁଆ ଜମିରେ ବର୍ଷାଧାନ, ଦୁର୍ଗା, ସି.ଆର.ଧାନ ୫୦୧, ଶାରଳା, ଗାୟତ୍ରୀ ଏବଂ ସି.ଆର. ୧୦୦୯ ସବ୍-୧ କିସମ ବ୍ୟବହାର କରନ୍ତୁ । ସି.ଆର.ଧାନ ୫୦୦, ସି.ଆର.ଧାନ ୫୦୨ (ଜୟନ୍ତୀ ଧାନ), ସି.ଆର.ଧାନ ୫୦୩ (ଜଳମଣି), ସି.ଆର.ଧାନ ୫୦୫ ଏବଂ ସି.ଆର.ଧାନ ୫୦୭ (ପ୍ରଶାନ୍ତ) ଆଦି ଖାଲୁଆ ଜମିରେ ବ୍ୟବହାର କରନ୍ତୁ ।
- ବୁଣାଧାନ ପାଇଁ ଶେଷ ଓଡ ଚଷ ସମୟରେ ପ୍ରତି ଏକର ପିଛା ୮ କ୍ୟୁଣ୍ଟାଲ ସଢ଼ା ଗୋବର ଖତ ପ୍ରୟୋଗ କରନ୍ତୁ ।

❖ ମଧ୍ୟମ ଏବଂ ଖାଲୁଆ ଜମିରେ ଶେଷ ଓଡ ଚାଷ ସମୟରେ ଏକର ପିଛା ଅନୁମୋଦିତ ପୂର୍ଣ୍ଣମାତ୍ରାର ଫସ୍‌ଫରସ୍ ଏବଂ ପଟାସ୍ ୧୬ କି.ଗ୍ରା. ହିସାବରେ (୩୫ କି.ଗ୍ରା. ଡି.ଏ.ପି + ୨୭ କି.ଗ୍ରା. ଏମ୍.ଓ.ପି.) କିନ୍ତୁ ବାଲିଆ ମାଟି ଜମି ସ୍ଥୋଇଥିଲେ ୩୫ କି.ଗ୍ରା. ଡି.ଏ.ପି. + + ୧୩.୫ କି.ଗ୍ରା. ଏମ୍.ଓ.ପି ବ୍ୟବସ୍ଥାର କରନ୍ତୁ ।

❖ ମଧ୍ୟମ ଗଭୀର ଏବଂ ଅତି ଗଭୀର ଜମିରେ ଯେଉଁଠି ପାଣି ଅଧିକ ଠିଆ ହୋଇ ରହିବା ଦ୍ୱାରା ଶୀର୍ଷସାର ପ୍ରୟୋଗ କରିନହୁଏ ସେଠାରେ ଶେଷ ଓଡ ଚାଷ ସମୟରେ ପୂର୍ଣ୍ଣମାତ୍ରାରେ ଯବକ୍ଷାରଜାନ, ଫସ୍‌ଫରସ୍ ଏବଂ ପଟାସ୍ ଏକର ପିଛା ଯଥାକ୍ରମେ ୧୬: ୮: ୮ କି.ଗ୍ରା. (ଅର୍ଥାତ୍ ୧୭.୫ କି.ଗ୍ରା. ଡି.ଏ.ପି + ୧୩.୫ କି.ଗ୍ରା. ଏମ୍.ଓ.ପି + ୩୦ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ ।

❖ ପ୍ରତି ୧ କି.ଗ୍ରା. ବିହନରେ ୧୦ ଗ୍ରାମ୍ ଟ୍ରାଇକୋଡର୍ମା ଗୁଣ୍ଡ ମିଶାଇ ବିଶୋଧନ କରି ଧାନ ବୁଣନ୍ତୁ କିମ୍ବା ରାଜ୍ୟ ସରକାରଙ୍କର ଯେକୌଣସି ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନ ଦ୍ୱାରା ପ୍ରଦତ୍ତ ବିଶୋଧକ ବ୍ୟବହାର କରିପାରିବେ ।

❖ ଯଥାଶୀଘ୍ର ଧାନ ବିହନ ବୁଣା କାର୍ଯ୍ୟ ଶେଷ କରିଦିଅନ୍ତୁ । ସିଡ୍ ଡ୍ରିଲ୍ କିମ୍ବା ଦେଶୀ ଲଙ୍ଗଳ ସିଆର ପଛରେ ୧୫ x ୧୫ ସେ.ମି. କିମ୍ବା ୨୦ x ୧୦ ସେ.ମି. ବ୍ୟବଧାନରେ ଏବଂ ୪ ରୁ ୬ ସେ.ମି. ଗଭୀରରେ ସିଧା ଧାଡିରେ ଧାନ ବିହନ ବୁଣନ୍ତୁ । ଏହାଦ୍ୱାରା ଘାସ ଉପାଡିବା ଯନ୍ତ୍ର ଚଳାଇବା ସହଜ ସାଧ୍ୟ ହୋଇଥାଏ । ଛଟା ବୁଣା ଧାନ ପାଇଁ ଏକର ପ୍ରତି ୨୪ ରୁ ୩୦ କି.ଗ୍ରା. ଏବଂ ସିଡ୍ ଡ୍ରିଲ୍ ଦ୍ୱାରା ବୁଣା ଧାନ ପାଇଁ ଏକର ପ୍ରତି ୧୨ ରୁ ୧୬ କି.ଗ୍ରା. ଉନ୍ନତ ମାନର ବିହନ ବ୍ୟବହାର କରନ୍ତୁ ।

❖ ଘାସ ନିୟନ୍ତ୍ରଣ ପାଇଁ ଧାନ ବୁଣିବାର ୮-୧୦ ଦିନ ପରେ କିମ୍ବା ୨-୩ ପତ୍ର ଘାସରେ ଏକର ପ୍ରତି ବିସ୍‌ପାଇରିବାକ୍ ସୋଡିୟମ୍ ୧୦% ଏସ୍.ସି. ୧୨୦ ମି.ଲି. ଘାସମରା ଔଷଧ ୧୬ ଲିଟର କ୍ଷମତା ବିଶିଷ୍ଟ ୮ଟି ସ୍ପ୍ରେୟର ଟ୍ୟାଙ୍କ ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଖରିଫ ରୁଆଧାନ**

❖ ସ୍ୱଳ୍ପ ଗଭୀର ବିଶିଷ୍ଟ ଖାଲୁଆ ଜମିରେ ରୋଇବା ପାଇଁ ଉର୍ଦ୍ଦିଷ୍ଟ ଧାନ ବିହନ ଯଥା : ସି.ଆର.ଧାନ ୩୦୭ (ମଉଡମଣି), ସି.ଆର.ଧାନ ୩୦୩, ସି.ଆର.ଧାନ ୩୦୪, ଏମ୍.ଟି.ୟୁ ୧୦୦୧, ଏମ୍.ଟି.ୟୁ ୧୦୧୦, ନବୀନ, ସି.ଆର.ଧାନ ୩୧୦, ସି.ଆର.ଧାନ ୩୧୨, ସି.ଆର.ଧାନ ୩୧୪, ଡି.ଆର.ଆର. ୪୪, ଉନ୍ନତ ଲଲାଟ କିସମ, ସି.ଆର. ଧାନ ୩୦୧, ସି.ଆର.ଧାନ ୮୦୦, ସି.ଆର.ଧାନ ୪୦୪, ସ୍ୱର୍ଣ୍ଣ, ପୂଜା, କଳାଚମ୍ପା, ହସନ୍ତ, ସ୍ୱର୍ଣ୍ଣସବ୍ ୧ ଏବଂ ବିପିଟି ୫୨୦୪ ବିହନ ଇତ୍ୟାଦି ଭରସା ଯୋଗ୍ୟ ଗବେଷଣା ଅନୁଷ୍ଠାନ, କୃଷି ବିଶ୍ୱବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର, କୃଷିବ୍ଲକ୍ ଅଫିସରୁ ବନ୍ଦୋବସ୍ତ କରନ୍ତୁ ।

❖ ଉପକୂଳବର୍ତ୍ତୀ ଲବଣଯୁକ୍ତ ଜମି ନିମିତ୍ତ ଲବଣ ସହଣୀୟ ଧାନ ବିହନ ଯଥା ସି.ଆର.ଧାନ ୪୦୫ (ଲୁଣାସଂଖୀ), ସି.ଆର.ଧାନ ୪୦୩ (ଲୁଣାସୁବର୍ଣ୍ଣା), ଡି.ଆର.ଆର. ୩୯ ଏବଂ ଲୁଣିଶ୍ରୀ ବିହନ ବନ୍ଦୋବସ୍ତ କରନ୍ତୁ ।

❖ ଜଳସେଚିତ ମଧ୍ୟମ ଏବଂ ସ୍ୱଳ୍ପ ଗଭୀର ବିଶିଷ୍ଟ ଖାଲୁଆ ଜମିରେ ଶଙ୍କରଜାତୀୟ ଧାନ ଚାଷ କରିବା ପାଇଁ ଇଚ୍ଛୁକ ଥିବା ଚାଷୀଭାଇମାନେ ଉନ୍ନତମାନର ଟ୍ରୁଥ୍‌ଫୁଲ ଲେବଲ ବିହନ (TL) ଯଥା ଅଜୟ, ରାଜଲକ୍ଷ୍ମୀ, ସି.ଆର.ଧାନ ୭୦୧, କେ.ଆର.ଏଚ୍-୨ ଏବଂ ପି.ଏଚ୍.ବି ୭୧ ବିହନ ବିଭିନ୍ନ ଖ୍ୟାତିସମ୍ପର୍ଣ୍ଣ ବିହନ ସଂସ୍ଥା ବା ଅନୁଷ୍ଠାନ ନିକଟରୁ ବନ୍ଦୋବସ୍ତ କରନ୍ତୁ ।

❖ ବନ୍ୟା ପ୍ଲାବିତ ମଧ୍ୟମ ଖାଲୁଆ ଜମିରେ ବନ୍ୟାଜଳ ସହଣୀ କିସମ ଯଥା ସ୍ୱର୍ଣ୍ଣ ସବ୍-୧, ରଞ୍ଜିତ୍ ସବ୍-୧, ବାହାଦୁର୍ ସବ୍-୧, ବୀଣାଧାନ-୧୧ ଏବଂ ଶାମ୍ବା ସବ୍-୧ ଏବଂ ମଧ୍ୟମ ଗହୀରା ଜମିରେ ସି.ଆର୍.୧୦୦୯ ସବ୍-୧ କିସମ ବିଭିନ୍ନ ଖ୍ୟାତିସମ୍ପର୍ଣ୍ଣ ବିହନ ସଂସ୍ଥା ବା ଅନୁଷ୍ଠାନ ନିକଟରୁ ବନ୍ଦୋବସ୍ତ କରନ୍ତୁ ।

❖ ଯେଉଁ ଚାଷୀମାନେ ବାସନା ଧାନ ଚାଷ କରିବାକୁ ଚାହୁଁଛନ୍ତି ସେମାନେ ଗୀତାଞ୍ଜଳୀ, ସି.ଆର. ସୁଗନ୍ଧଧାନ ୯୦୭, ସି.ଆର. ସୁଗନ୍ଧଧାନ ୯୦୮ ଏବଂ ସି.ଆର. ସୁଗନ୍ଧଧାନ ୯୧୦ କିସମ ବ୍ୟବହାର କରିପାରିବେ ।

❖ ମରୁଡି ହେଉଥିବା ଅଞ୍ଚଳରେ ମରୁଡି ସହଣୀଶକ୍ତି ଥିବା କିସମ ଯଥା ସହଭାଗୀ ଧାନ, ଡି.ଆର୍.ଆର୍. ୪୨, ଡି.ଆର୍.ଆର୍. ୪୪, ବି.ଆର୍.ଆର୍.ଆଇ ଧାନ ୭୧, ସ୍ୱର୍ଣ୍ଣଶ୍ରେୟା ଇତ୍ୟାଦି ବିହନ ବିଭିନ୍ନ ଖ୍ୟାତିସମ୍ପର୍ଣ୍ଣ ବିହନ ସଂସ୍ଥା ବା ଅନୁଷ୍ଠାନ ନିକଟରୁ ବନ୍ଦୋବସ୍ତ କରନ୍ତୁ ।

❖ ଜୈବିକ ଉପାୟରେ ଜମିର ଉର୍ବରତା ବୃଦ୍ଧି କରିବା ନିମନ୍ତେ ପ୍ରଥମ ଓଡ ଚାଷ ପରେ ଏକର ପ୍ରତି ୧୨ କି.ଗ୍ରା ଧଣିଚା ବିହନ ବୁଣି ଦିଅନ୍ତୁ ।

❖ ପ୍ରତି ୧ କି.ଗ୍ରା. ବିହନରେ ୧୦ ଗ୍ରାମ୍ ଟ୍ରାଇକୋଡର୍ମା ଗୁଣ୍ଡ ମିଶାଇ ବିଶୋଧନ କରି ଧାନ ବୁଣନ୍ତୁ କିମ୍ବା ରାଜ୍ୟ ସରକାରଙ୍କର ଯେକୌଣସି ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନ ଦ୍ୱାରା ପ୍ରଦତ୍ତ ବିଶୋଧକ ବ୍ୟବହାର କରିପାରିବେ ।

❖ ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ବର୍ଷା ହୋଇସାରିଛି । ତେଣୁ ଡ଼ିପଜମି ଏବଂ ବର୍ଷାଶ୍ରିତ ଖାଲୁଆ ଜମି, ଯେଉଁଠାରେ ଧାନ ଛଟାବୁଣା କରାଯାଏ ଏବଂ ତଳି ଘରା ପ୍ରସ୍ତୁତି ପାଇଁ ମାଟିର ବତର ଦେଖି ଶୁଖିଲା ତଳିଘରା ପ୍ରସ୍ତୁତ କରନ୍ତୁ ।

❖ ଚାଷୀଭାଇମାନେ ଜଳସେଚନ ଏବଂ ଜଳନିଷ୍କାସନ ସୁବିଧା ଥିବା ଅଂଚଳ କାଦୁଅ ତଳିଘରା ପାଇଁ ଚୟନ କରନ୍ତୁ । ଗ୍ରାମା ଅଂଚଳରେ ସାମୁହିକ ତଳିଘରା କରିବା ଉଚିତ୍ ।

❖ ଏକ ଏକର ଜମିରେ ରୁଆ ଧାନ କରିବା ପାଇଁ ୩୨୦ ବର୍ଗମିଟର ତଳିଘରା ପ୍ରସ୍ତୁତ କରନ୍ତୁ । କାଦୁଅ ତଳିଘରା ପାଇଁ ୧୦ ସେ.ମି. ଉଚ୍ଚତା, ୧.୨ ରୁ ୧.୫ ମିଟର ପ୍ରସ୍ଥ ଏବଂ ସୁବିଧା ଅନୁଯାୟୀ ଲମ୍ବା ତଳି ପଟାଳିମାନ ପ୍ରସ୍ତୁତ କରନ୍ତୁ । ଦୁଇ ତଳିପଟାଳି ମଧ୍ୟରେ ୩୦ ରୁ ୪୦ ସେ.ମି. ବ୍ୟବଧାନର ନାଳି ରଖନ୍ତୁ ।

❖ ଅଧିକ ଅମଳକ୍ଷମ ଧାନ ଏକର ପିଛା ୧୨-୧୪ କି.ଗ୍ରା ଏବଂ ସଙ୍କର ଧାନ ୫-୬ କି.ଗ୍ରା ବ୍ୟବହାର କରନ୍ତୁ । କମ୍ ଉର୍ବର ଜମିରେ ପ୍ରତି ୧୦୦ ବର୍ଗମିଟର ପିଛା ଯବକ୍ଷାରଜାନ, ଫସ୍‌ଫରସ୍ ଏବଂ ପଟାସ୍ ଯଥାକ୍ରମେ ୦.୫ ରୁ ୧.୦ କି.ଗ୍ରା., ୦.୫ କି.ଗ୍ରା ଏବଂ ୦.୫ କି.ଗ୍ରା କାଦୁଅ ତଳିଘରାରେ ପ୍ରୟୋଗ କରନ୍ତୁ ।

❖ ଚାଷୀଭାଇମାନେ ଧାନ ଚାଷ ସମ୍ପର୍କରେ ଅଧିକ ସୂଚନା ବା ବିବରଣୀ ଜାଣିବା ପାଇଁ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ ଦ୍ୱାରା ବିକଶିତ ରାଇସ୍ ଏକ୍ସପୋର୍ଟ ମୋବାଇଲ ଆପ୍ (riceXpert) ଗୁଗୁଲ୍ ପ୍ଲେଷ୍ଟୋରରୁ ଡାଉନ୍‌ଲୋଡ କରି ବ୍ୟବହାର କରିପାରିବେ ।

******